# Akashvani, Sambalpur

## SAMBALPURI NEWS EVENING BULLETIN

**8 September 2024- 7.02 pm- 7.12 pm.**

*********************************************

୧- ଆନନ୍ଦ ଆର୍ ଉସ୍‌ନାକିଥି ପାଲିତ୍ ହେଇଛେ ନୂଆଖାଇ ।

- ରାଷ୍ଟ୍ରପତି, ପ୍ରଧାନ୍‌ମନ୍ତ୍ରୀ, ରାଜ୍ୟପାଲ୍ ଆର୍ ମୁଖ୍ୟମନ୍ତ୍ରୀ ଜନାଲେ ଶୁଭେଛା ।

୨- ସମ୍ବଲ୍‌ପୁରେ ସମ୍‌ଲେଇ ଗୁଡ଼ି ନ ନବାନ୍ନ ଖାଏଲେ ମୁଖ୍ୟମନ୍ତ୍ରୀ ଆଉ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

ଆଉର୍

୩- ରାଏଜେ ସିଏମ୍ କିଷାନ୍ ଯୋଜ୍‌ନାର୍ ହେଲା ଶୁଭାରମ୍ଭ ।

- ସହର୍ ଇଲାକାର୍ ଚାଷୀ ଭିଲ୍ ପାଏବେ ଲାଭ୍ ।

ନୂଆଖାଇ ଆର୍‌ଏନ୍‌ୟୁ ସମ୍ବଲପୁର

ଓଡ଼ିଶାର୍ ଖାସ୍ କରି ପଶ୍ଚିମ ଓଡ଼ିଶାର୍ ଗାଁନୁ ସହର୍ ସବୁନ ଆଏଜ୍ ଆନନ୍ଦ ଆର୍ ଉସ୍‌ନାକିଥି ପାଲିତ୍ ହେଇଛେ କୃଷିଭିତିକ୍ ଗଣପର୍ବ ନୂଆଖାଇ । ଆଏଜ୍ ଭୁଦୋ ମାସ୍ ଉଜଲ୍‌ପଖର୍ ପଂଚ୍‌ମୀ

ତିଥି ନ ଆଘୋନୁ ଧାରିଜ୍ ଲଗନ୍ଥି ନିଜର୍ ନିଜର୍ ଇଲାକାର୍ ଅଧିଷ୍ଠାତ୍ରୀ ଦେବୀ ଆର୍ ଦେ ଦେବ୍ତାଙ୍କର୍ ଠାନେ ନବାନ୍ନ ଲଗାଯାଇଥିଲା । ଇତାର୍ ଉତ୍ରୁ ଲୁକେ ପରିବାର୍ର ଇଷ୍ଟଦେବାଦେବୀଙ୍କର୍ ନ ନୂଆଁ ଲଗେଇକରି ଏକ୍ଠନିଆ ବସିକରି ନୂଆ ଖାଇଛନ୍ । ପରମ୍ପରା ଅନ୍ସାରେ ସିଆନ୍ ଲୋକ୍ ପରିବାର୍ର ସମସ୍ତଙ୍କୁ ନୂଆ ପର୍ସିଥିଲେ । ନୂଆ ଖାଏଲା ଉତ୍ରୁ ପରିବାର୍ର ଛୋଟ୍ମାନେ ବଡ଼ ମାନ୍କୁ ମୁଡ଼ିଆ ମାରିକରି ଆଶିର୍ବାଦ୍ ନେଇଥିଲେ । ଇତାର୍ଉତ୍ରୁ ଲୁକେ୍ ଘରୁ ବାହାରି କରି ଦେ' ଦେବ୍ତାଙ୍କର୍ ଦର୍ଶନ୍ କର୍ବାର୍ ସଙ୍ଗେ ସଙ୍ଗେ ଗାଁ ଆର୍ ପଡ଼ାର୍ ବଡ଼ ସାନ୍ ଯାହାକେ ଯେନ୍ତା ମାଏନ୍ ସେ ହିସାବେ ଜୁହାର୍ ଭେଟ୍ ହେଇଛନ୍ ।

କୃଷିଭିତିକ ଗଣପର୍ବ ନୂଆଖାଇ ଅବ୍ସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଲୋକ୍ମାନ୍କୁ ଖାସ୍ କରି ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ଇ ପରବ୍ ଦେଶର୍ ଚାଷୀମାନ୍କୁ କୃତଜ୍ଞତା ଜନାବାର୍ ଦିନ୍ ଆଏ ବଲି ରାଷ୍ଟ୍ରପତି ସାମାଜିକ୍ ଗଣମାଧ୍ୟମ୍ ଜରିଏ ତାଙ୍କର୍ ବାର୍ତାଥି କହେବାର୍ ସଙ୍ଗେ ସମ୍କିରିର୍ ଜୀବନ୍ଥି ନୂଆଖାଇ ପରବ୍ ଖୁସି ଆର୍ ସମୃଦ୍ଧି ଆନିଦଉ ବଲି କାମନା କରିଛନ୍ ।

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର୍ ବାର୍ତାଥି ଚାଷୀମାନ୍କୁ କୃତଜ୍ଞତା ଜନାବାର୍ ସଙ୍ଗେ ସମାଜ୍ ଲାଗି ସେମାନ୍କର୍ ଯୋଗ୍ଦାନ୍କେ ପ୍ରଶଂସା କରିଛନ୍ । ନୂଆଖାଇ

ଅବ୍‌ସରେ ଶୁଭେଚ୍ଛା ଜନାବାର୍ ସଙ୍ଗେ ପ୍ରଧାନ୍‌ମନ୍ତ୍ରୀ ସମ୍‌କିରିର୍ ସୁଖ ଆର୍ ଭଲ୍ ସ୍ୱାସ୍ଥ୍ୟ କାମନା କରିଛନ୍ ।

ନୂଆଖାଇ ଅବ୍‌ସରେ ରାଜ୍ୟପାଲ୍ ରଘୁବର୍ ଦାସ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ରାଜ୍ୟପାଲ୍ ଶ୍ରୀ ଦାସ ରାଜ୍ୟର୍ ଚାଷୀ ଭାଏବହେନ୍ ମାନ୍‌କର୍ ସୁଖ ଆର୍ ସମୃଦ୍ଧି କାମନା କର୍‌ବାର୍ ସାଙ୍ଗେ ଓଡ଼ିଶାକେ ଗୁଟେ ଅଗ୍ରଣୀ ଆର୍ ପ୍ରଗତିଶୀଳ ରାଜ୍ୟ ବନାବାର୍‌କେ ଆହ୍ୱାନ୍ ଦେଇଛନ୍ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ପଶ୍ଚିମ ଓଡ଼ିଶାର୍ ବଡ଼ଖା ତିହାର୍ ନୂଆଖାଇ ଲାଗି ସମ୍‌କୁ ନୂଆଖାଇ ଜୁହାର୍, ଶୁଭେଚ୍ଛା ଆର୍ ଅଭିନନ୍ଦନ୍ ଜନେଇଛନ୍ । ମା ସମଲେଇଙ୍କର୍ ଅପାର କୃପାନୁ ଧର୍‌ତି ମା ଶସ୍ୟ ଶ୍ୟାମଳା ହଉ ଆର୍ ସମ୍‌କିରିର୍ ଜୀବନ୍ ସୁଖ, ଶାନ୍ତି ଆଉ ସମୃଦ୍ଧିଥି ଭରିଯାଉ ବଲି ସେ କାମନା କରିଛନ୍ ।

ନୂଆଖାଇ- ପଶ୍ଚିମ ଓଡ଼ିଶା

ସମ୍ବଲ୍‌ପୁର୍/ ନୂଆପଡ଼ା/ ବୌଦ୍ଧ/ ବର୍‌ଗଡ଼୍/ ସୁବର୍ଣ୍ଣପୁର୍/ କଳାହ ାଣ୍ଡି/

ସମ୍ବଲ୍‌ପୁର୍ ନ ଅଧିଷ୍ଠାତ୍ରୀ ଦେବୀ ମା ସମ୍‌ଲେଇ ଠାନେ ସଖାଲର୍ ୯ ବାଜିକରି ୧୨ ମିନିଟ୍‌ନୁ ୯ ବାଜିକରି ୨୭ ମିନିଟ୍ ଭିତ୍‌ରେ ନୂଆ ଲଗାଯାଇଥିଲା । ତାର୍ ଉତ୍‌ରୁ ସମ୍‌ଲେଇଗୁଡ଼ିର

ଶହେ ୧୫ ଟା ପାର୍ଶ୍ଵଦେବାଦେବୀଙ୍କୁ ନୂଆ ଅର୍ପଣ୍ କରାଯାଇଥିଲା ।

ମହାଆଲ୍‌ତୀ ଆର୍ ଅନ୍ନଭୋଗ୍ ଉତ୍‌ରୁ ନୂଆଖାଇର୍ ଉସ୍‌ନାକିଥି ସାମିଲ୍ ହେବାର୍‌କେ ସମ୍ବଲ୍‌ପୁର୍ ପୁହୁଁଚିଥିବା ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍, ରାଜସ୍ଵ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ, ଗ୍ରାମ୍ୟ ଉନ୍ନୟନ୍, ପଂଚାୟତିରାଜ୍ ଆର୍ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ୍ ନାଏକ୍, ବିଧାୟକ୍ ଜୟନାରାୟଣ୍ ମିଶ୍ର ମା'ଙ୍କର୍ ଦର୍ଶନ୍ କରିଥିଲେ ।

ମୁଖ୍ୟମନ୍ତ୍ରୀ ଆର୍ ତାଙ୍କର୍ ପତ୍ନୀ ଆର୍ ମନ୍ତ୍ରୀମାନେ ସମ୍‌ଲେଇଗୁଡ଼ି ପରିସର ନ ନବାନ୍ନ ଭୋଗ ଖାଇଥିଲେ ।

ନୂଆପଡ଼ା ଜିଲ୍ଲା ନ ଧାରିଜ୍ ଲଗନ୍ ଅନ୍‌ସାରେ ସଖାଲର୍ ନୂଆଖାଇ ପାଲିତ୍ ହେଇଯାଇଛେ । ଜିଲ୍ଲାର୍ ଖଡ଼ିଆଲ୍ ବ୍ଲକ୍‌ର ନେହେନା ଗାଁର୍ ଡନ୍‌ସନା ପରିବାର୍‌ର ୧୨ ଶହ ଲୋକ୍ ଏକଠନିଆ ନୂଆ ଖାଇଥିଲେ ।

ବୌଦ୍ଧ ଗଡ଼ର ଅଧିଷ୍ଠାତ୍ରୀ ଦେବୀ ମାଁ ଭୈରବୀଙ୍କର୍ ପିଠନ ସଖାଲର୍ ୯ ବାଜିକରି ୪୫ ମିନିଟ୍‌ଥି ନୂଆ ଲଗାଯାଇଥିଲା । ମହାନଦୀନୁ ପବିତ୍ର ଜଳ ଅନାଯାଇକରି ଦେବୀଙ୍କର୍ ନବାନ୍ନ ତିଆର୍ କରାଯାଇଥିଲା । ଇତାର୍‌ସଙ୍ଗେ ସାରା ଜିଲ୍ଲାର୍ ଲୁକେ ନୂଆ ଖାଇଛନ୍ ।

ବର୍‌ଗଡ଼୍ ନ ଅଧିଷ୍ଠାତ୍ରୀ ଦେବୀ ମା' ସମଲେଇଙ୍କର୍ ଠାନେ ନୂଆ ଲଗାଯିବାର୍ ସହେତେ ଘରର୍ ଇଷ୍ଟ ଦେ'ଦେବ୍‌ତାଙ୍କୁ ନୂଆ

ଲଗେଇକରି ଲୁକେ ନୂଆ ଖାଇଛନ୍ । ଚାଷୀମାନେ ନିଜର୍ ନିଜର୍ ଖେତେ ଗୁରସ୍ ରୁକିକରି ଏସୁର୍ ଭଲ୍ ଫସଲ୍ ଅମଲ୍‌ର କାମନା କରିଛନ୍ । ପାଇକ୍‌ମାଲ୍‌ର ନରସିଂହନାଥ ପୀଠ ନ ନୂଆଖାଇ ସାଙ୍ଗେ ଗୋ ପୂଜନ୍ କରାଯାଇଥିଲା । ବର୍‌ଗଡ୍ ଜିଲ୍ଲାର୍ ସୋହେଲା ବ୍ଲକ୍‌ର କଠାର୍‌ପାଲି, ବର୍‌ଗଡ୍ ବ୍ଲକ୍‌ର ଖେଦାପାଲି, ଅତାବିରା ବ୍ଲକ୍‌ର ଜହ୍ନାପଡ଼ା ସହେତେ ଆର୍ କେତେ ଗାଁର୍ ଲୁକେ ଏକ୍‌ଠନିଆ ନୂଆ ଖାଇଥିଲେ । ସଞ୍ଜ୍‌ବେଲେ ଜାଗା ଜାଗା ଜୁହାର୍‌ଭେଟ୍ କାର୍ଯ୍ୟକ୍ରମ୍ ମାନ୍ କରାଯାଇଥିଲା ।

ସୁବର୍ଣ୍ଣପୁର୍ ଜିଲ୍ଲା ନ ଅଧିଷ୍ଠାତ୍ରୀ ଦେବୀ ସୁରେଶ୍ୱରୀଙ୍କର୍ ଠାନେ ପାହୁର୍ ଭୋଗ୍ ଲାଗ୍‌ଲା ଉତ୍‌ରୁ ଲୁକେ ନିଜର୍ ନିଜର୍ ଇଷ୍ଟଦେ' ଦେବ୍‌ତାଙ୍କୁ ନୂଆ ଲଗାବାର୍ ଉତ୍‌ରୁ ପରିବାର୍ ସାଙ୍ଗେ ମିଶିକରି ନୂଆ ଖାଇଛନ୍ । ସୁବର୍ଣ୍ଣପୁର୍ ନ ସମଲେଇମନ୍ଦିର୍‌ନୁ ଅଷ୍ଟଚଣ୍ଡି, ଅଷ୍ଟଶମ୍ଭୁ, ଅଷ୍ଟବିଷ୍ଣୁ, ଅଷ୍ଟ ହନୁମାନ୍ ମନ୍ଦିର୍‌କେ ଦେବଖଞ୍ଜା ଉଠି ପାହୁର ଯାତ୍ରା ହେଇଥିଲା । ଢୋଲ୍ ମହୁରି ସହେତେ ସେବାୟତ୍‌ମାନେ ଗୁଟେ ଶୋଭାଯାତ୍ରାଥି ବାହାରିକରି ଦେବଦେବୀଙ୍କୁ ପାହୁର୍ ଭୋଗ୍ ଲଗେଇଥିଲେ । ଉପର୍‌ବେଲା ଜିଲ୍ଲାର୍ ଖୋବ୍ ଜାଗା ନ ନାଚ୍‌ଗାନା ଆର୍ ଖେଲ୍‌କୁଦ୍ ସାଙ୍ଗେ ଜୁହାର୍ ଭେଟ୍ କାର୍ଯ୍ୟକ୍ରମ୍ ହେଉଛେ ।

କଲାହାଣ୍ଡି ଜିଲ୍ଲାର୍ ମାଣିକେଶ୍ୱରୀ କ୍ଷେତ୍ର ଭବାନୀପାଟ୍‌ନା, ଯୁଗସାଇପାଟ୍‌ନା, ଜୟପାଟ୍‌ନା, ଥୁଆମୁଲ୍‌ରାମ୍‌ପୁର୍ ବାଗିର୍ କେତେ ଇଲାକାକେ ଛାଡ଼ିଦେଲେ ସାରା ଜିଲ୍ଲା ନ ଆଏଜ୍ ନୂଆଖାଇ ପାଲନ୍ କରାଯାଇଛେ ।

କେତେ ଜାଗା ନ ଗାଁର୍ ଲୁକେ ଏକ୍ଠନିଆ ନୂଆ ଖାଇଛନ୍ । ଜିଲ୍ଲାର୍ ମାଣିକେଶ୍ୱରୀ କ୍ଷେତ୍ର ନ ଆଏବା ଦଶ୍ମୀ ତିଥି ଥି ନୂଆଖାଇ ପାଲନ୍ କରାଯିବା ।

ବଲାଙ୍ଗିର୍ ଜିଲ୍ଲାର୍ ସବୁ ଇଲାକା ନ ନୂଆଖାଇ ପାଲିତ୍ ହେଇଛେ । ରାଜ୍ପରିବାର୍ ସହେତେ ଏକାନ୍ନବର୍ତୀ ପରିବାର୍ମାନେ ଏକ୍ଠନିଆ ନୂଆ ଖାଇଛନ୍ ।

ସେନ୍ତା ଝାର୍ସୁଗୁଡ଼ା, ସୁନ୍ଦର୍ଗଡ୍, ଦେବ୍ଗଡ୍ ଜିଲ୍ଲା ନ ଭିଲ୍ କୃଷିଭିତିକ ଗଣପର୍ବ ନୂଆଖାଇ ପାଲିତ୍ ହେଇଯାଇଛେ ।

## ମୁଖ୍ୟମନ୍ତ୍ରୀ-ସିଏମ୍ କିଷାନ୍ ଯୋଜ୍ନା

ଆର୍ଏନ୍ୟୁ/ସମ୍ବଲପୁର/ସମ୍ବଲପୁର୍ ସମ୍ବାଦଦାତା

ସିଏମ୍ କିଷାନ୍ ଯୋଜ୍ନାଥି ସହର୍ ଇଲାକାର୍ ଚାଷୀମାନେ ଭିଲ୍ ଲାଭ୍ ପାଏବେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଆଏଜ୍ ସମ୍ବଲ୍ପୁର୍ ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟ- ଜିଏମ୍ୟୁ ଅଡିଟୋରିମ୍ଥି ହେଇଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ୍ଥି ସିଏମ୍ କିଷାନ୍ ଯୋଜ୍ନାର୍ ଶୁଭାରମ୍ଭ୍ କରିକରି ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ଆଗ୍କେ ୨ ମାସ୍ ଭିତ୍ରେ

ରାଜ୍ୟର୍ ସବୁ ଯୋଗ୍ୟ ହିତାଧିକାରୀମାନେ ସିଏମ୍ କିଷାନ୍ ଯୋଜ୍ନାଥି ଜୁଡ଼ି ହେବେ । ସେ କହିଛନ୍ ...

(ଭଏସ୍ ଓଭର୍-୧- ମୁଖ୍ୟମନ୍ତ୍ରୀ)

ଇତାର୍ସଙ୍ଗେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କୃଷକ୍ ଓଡ଼ିଶା ୟୁନିଫାଏଡ୍ ପୋର୍ଟାଲ୍ର ଉନ୍ମୋଚନ୍ କରିଛନ୍ । ଇ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ୍ଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍, ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ, ବିଧାୟକ୍ ଜୟନାରାୟଣ୍ ମିଶ୍ର ଉପସ୍ଥିତ୍ ଥିବାର୍ ବେଳେ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆଉ ପ୍ରଭାତୀ ପରିଡ଼ା ଆଭାସୀ ଜରିଏ ଜୁଡ଼ି ହେଇଥିଲେ ।

ଇନ ଜନେଇ ଦିଆଯାଇପାରେ ଯେ, ସିଏମ୍ କିଷାନ୍ ଯୋଜ୍ନା ଶୁଭାରମ୍ଭ ସଙ୍ଗେ ସଙ୍ଗେ ରାଜ୍ୟର୍ ୪୬ ଲାଖ୍ ଛୋଟ୍, ନାମମାତ୍ର ଆର୍ ଭୂମିହୀନ ଚାଷୀଙ୍କର୍ ପରିବାର୍କେ ୯ ଶହ ୨୫ କୋଟି ନୁ ଅଏତ୍କା ଟଙ୍କାର୍ ଆର୍ଥିକ୍ ସାହାଜ୍ ଡିବିଟି ଜରିଏ ହସ୍ତାନ୍ତର୍ ପ୍ରକ୍ରିୟା ମୁଲ୍ ହେଇଛେ ।

ମୁଖ୍ୟମନ୍ତ୍ରୀ- ଜୁହାର୍ଭେଟ୍ ଆର୍ଏନ୍ୟୁ/ସମ୍ବଲପୁର

ସମ୍ବଲ୍ପୁର୍ ନ ରାଜ୍ୟର୍ ଦ୍ୱିତୀୟ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ୍ ପ୍ରତିଷ୍ଠାନ୍ -ଏମ୍ସ ନିଶ୍ଚେ ଥାପ୍ନା ହେବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍। ଆଏଜ୍ ନୂଆଖାଇ

ଅବ୍‌ସରେ ସମ୍ବଲ୍‌ପୁର୍ ପୁହୁଁଚିଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓଡ଼ିଶା ପ୍ରାନ୍ତୀୟ ମାର୍‌ୱାଡ଼ି ଯୁବାମଂଚ୍‌ର ନୂଆଖାଇ ଭେଟ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି କହିଛନ୍ ଯେ, ଡବଲ୍ ଇଞ୍ଜିନ୍ ସର୍‌କାର୍ ବନାବାର୍‌କେ ପ୍ରଧାନ୍‌ମନ୍ତ୍ରୀଙ୍କର୍ ଅନୁରୋଧ୍‌କେ ଓଡ଼ିଶାବାସୀ ଗ୍ରହଣ୍ କରିଛନ୍ । ତାଙ୍କର୍ ସର୍‌କାର୍ ଭାରତୀୟ ଜନତା ପାର୍ଟି ନିର୍ବାଚନ୍ ସମିଆଥି ଦେଇଥିବା ସବୁ ପ୍ରତିଶ୍ରୁତିକେ କାର୍ଯ୍ୟକାରୀ କର୍‌ବା । ସମ୍ବଲ୍‌ପୁର୍ ମହାନଦୀ ରିଭର୍ ଫ୍ରଂଟ୍‌କେ ଅହମ୍ମଦାବାଦ୍‌ର ସାବର୍‌ମତୀ ରିଭର୍‌ଫ୍ରଂଟ୍ ବାଗିର୍ ବିକଶିତ୍ କର୍‌ବାର୍‌କେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଦେଇଥିବା ପ୍ରସ୍ତାବକେ କାର୍ଯ୍ୟକାରୀ କରାଯିବା ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ । କାର୍ଯ୍ୟକ୍ରମ୍‌ଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ୍, ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ, ଗ୍ରାମ୍ୟ ଉନ୍ନୟନ୍, ପଂଚାୟତିରାଜ୍ ଆର୍ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ୍ ନାଏକ୍, ବିଧାୟକ୍ ଜୟନାରାୟଣ୍ ମିଶ୍ର ଆଉ ଅଗସ୍ତି ବେହେରା ଭିଲ୍ ଅତିଥି ଭାବେ ଯୋଗ୍ ଦେଇଥିଲେ । ଇତାର୍‌ଛଡ଼ା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସମ୍‌ଲେଇଗୁଡ଼ି ନ ସମଲେଶ୍ୱରୀ ଯୁବକ୍ ସଂଘ, ଝାଡୁଆପଡ଼ା ଆରଣ୍ୟକ ମଂଚ୍ ନ ଓଡ଼ିଶା ସାଂସ୍କୃତିକ୍ ସମାଜ୍ ଆର୍ ନନ୍ଦପଡ଼ା ନ ଚିତ୍ରୋତ୍ପଳା ଯୁବକ୍ ସଂଘ ତର୍‌ଫୁ ହେଇଥିବା ନୂଆଖାଇ ଭେଟ୍ ସମାରୋହଥି ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ ।

ପାଣିପାଗ      ଆର୍ଏନ୍ୟୁ/ ସମ୍ବଲପୁର

ବଙ୍ଗୋପ୍ସାଗର୍ ନ ହେଇଥିବା ଲଘୁଚାପ୍ ଗଭୀର୍ ଅବପାତ୍ ନ ପରିଣତ୍ ହେବାର୍ ସମ୍ଭାବନା ଥିବାର୍ନୁ ଆଏବା କାଏଲ୍ ଆର୍ ମଙ୍ଗଲ୍ବାର୍ ଦିନ ବର୍ଷାର୍ ଅଏତ୍କା ପ୍ରଭାବ୍ ରହେବା ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ । ପର୍ଶ୍ଚିମ ଓଡ଼ିଶାର୍ ସମ୍ବଲ୍ପୁର୍, ବର୍ଗଡ୍, ସୁବର୍ଣ୍ଣପୁର୍, ବୌଦ୍ଧ, ବଲାଙ୍ଗିର୍, ନୂଆପଡ଼ା, କଲାହାଣ୍ଡି ସହେତେ ରାଜ୍ୟର୍ ୧୬ ଟା ଜିଲ୍ଲାର୍ ଗୁଟେ ଜୁଡ଼େ ଜାଗା ନ ଆଏବା କାଏଲ୍ ସଖାଲ୍ତକ୍ ବନିହାନ୍ ବର୍ଷା ହେଇପାରେ ବଲି ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍ଫୁ କୁହାଯାଇଛେ ।

ଆନ୍ତର୍ଜାତୀୟ ସାକ୍ଷରତା ଦିବସ      ଆର୍ଏନ୍ୟୁ ସମ୍ବଲପୁର୍

ଆଏଜ୍ ହେଉଛେ ଆନ୍ତର୍ଜାତୀୟ ସାକ୍ଷରତା ଦିବସ୍ । ସମାଜ୍ର ଫି ଲୋକ୍କେ ସାକ୍ଷର୍ କର୍ବାର୍ ଉପ୍ରେ ଗୁରୁତ୍ୱ ଦେଇକରି ୧୯୬୭ ମସିହାନୁ ଇ ଦିବସ୍ ପାଲନ୍ କରାଯାଉଛେ । ସାକ୍ଷରତା ବାବ୍ଦେ ଲୁକ୍କୁ ସଚେତନ୍ କର୍ବାର୍କେ ଇ ଦିବସ୍ ପାଲନ୍ କରାଯାଏସି । ମୁନ୍ଷର୍ ଜୀବନ୍ ଆଉ ସାମୂହିକ୍ ବିକାଶ୍ ଲାଗି ଅର୍ଥନୀତିର୍ ବଡ଼ ଭୂମିକା ଥିବାର୍ନୁ ସାକ୍ଷରତାର୍ ଗୁରୁତ୍ୱ ବଢ଼ିଛେ । ସାକ୍ଷରତା ଝନ୍କର୍

ଚିନ୍ତାଧାରା, ଭାବ୍‌ନା ଆଉ ଅନୁଭବ୍‌କେ ଲେଖ୍‌ବାର୍ ଆଉ କହେବାର୍ ଲାଗି ମୌଲିକ୍ ଦକ୍ଷତା ଯୁଗାସି । ଇଥର ଆନ୍ତର୍ଜାତୀୟ ସାକ୍ଷରତା ଦିବସ୍‌ର ବାର୍ତା ହେଉଛେ 'ବହୁଭାଷୀ ଶିକ୍ଷାର୍ ଲାଗି ତହଁକ୍: ଆପୋଷୀ ବୁଝାମଣା ଆର୍ ଶାନ୍ତିର୍ ଲାଗି ସାକ୍ଷରତା' ।